# କୃଷି ସୂଚନା ସେବା (ଧାନ)
# ଭା.କୃ.ଅନୁ.ପ.–ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬
## ୨୦୧୯ ମସିହା ସେପ୍ଟେମ୍ବର ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

**ବୁଣା ଧାନ :**

- ଗଭୀର ଓ ସ୍ୱଳ୍ପଗଭୀର ଛଟାବୁଣା ଧାନ ଅଂଚଳରେ ଏକର ପିଛା ୧୨ କି.ଗ୍ରା ୟୁରିଆ ଦ୍ୱିତୀୟ ପିଲସାର ଭାବେ ପ୍ରୟୋଗ କରନ୍ତୁ ।
- କାଣ୍ଡବିନ୍ଧା ପୋକ ଦେଖାଦେଲେ ଏକର ପିଛା କ୍ଲୋରାନଟ୍ରାନିଲିପ୍ରୋଲ ୪% ଜି.ଆର୍ ୪ କି.ଗ୍ରା. ବାଲି ସହିତ ସମାନ ଭାବରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ରୁଆ ଧାନ :**

- ରୁଆଧାନରେ ବାଳୁଙ୍ଗା ଦମନ ପାଇଁ ବେନ୍‌ସଲ୍‌ଫୁରନ୍ ମିଥାଇଲ୍ ସହିତ ପ୍ରିଟିଲାକ୍ଲୋର (ଲୋଣ୍ଡେକ୍ସ ପାୱାର କିମ୍ବା ଇରେଜ୍ ଷ୍ଟ୍ରୋଙ୍ଗ୍ ନାମରେ ବଜାରରେ ଉପଲବ୍ଧ) ଏକରକୁ ୪ କି.ଗ୍ରା. ହିସାବରେ ସମାନ ପରିମାଣର ବାଲି ସହିତ ମିଶାଇ ରୋଇବାର ୩ ରୁ ୭ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ କିମ୍ବା ଏକର ପ୍ରତି ୧୨୦ ମି.ଲି. ବିସ୍‌ପାରିବାକ୍ ସୋଡିୟମ୍ ୧୦ ଏସ୍.ସି. (ନୋମିନି ଗୋଲ୍ଡ) ରୋଇବାର ୧୦-୧୨ ଦିନ ପରେ କିମ୍ବା ଏକର ପିଛା ପେନୋକ୍ସୁଲାମ୍ ସହିତ ସାଇହାଲୋଫପ୍ ବ୍ୟୁଟାଇଲ୍ (ଭିଭାୟା) ୯୦୦ ମି.ଲି. ତଳିରୁଆର ୧୫-୨୦ ଦିନ ପରେ ସିଂଚନ କରନ୍ତୁ ।
- ଅନ୍ୟ ପୁରୁଣା ବୁଦା ରୁ ପିଲ ବାହାର କରି ଶୁନ୍ୟ ସ୍ଥାନ ପୁରଣ କରନ୍ତୁ ଯେପରିକି ସବୁଆଡେ ଗଛ ସଂଖ୍ୟା ସମାନ ଦେଖାଦେବ ତଥା ବର୍ଗମିଟର ପିଛା ୩୩ଟି ବୁଦା ରହିବ ।
- ଯେଉଁ ଜମିରେ ଦସ୍ତା ପରିମାଣ କମ୍ ଥିବ ଏକ ଏକର ପିଛା ଲିଟର ପ୍ରତି Zn-EDTA ୦.୫ ଗ୍ରାମ୍ ରୋଇବାର ୩୦-୪୫ ଦିନ ପରେ ପ୍ରୟୋଗ କରନ୍ତୁ ।
- ସ୍ୱଳ୍ପ ଖାଲୁଆ ରୁଆ ଧାନ ଜମିରେ ପିଲ ଆସିବା ସମୟରେ ଏକର ପିଛା ୨୪ କି.ଗ୍ରା. ୟୁରିଆ ସହିତ ୧୩.୫ କି.ଗ୍ରା. ପଟାସ୍ ସାର ମିଶାଇ ପ୍ରୟୋଗ କରନ୍ତୁ ।
- କାଣ୍ଡବିନ୍ଧା ପୋକର ନିରିକ୍ଷଣ ପାଇଁ ଧାନ ବିଲରେ ଏକର ପିଛା ୪ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତି ର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ରୁ ୫ଟି ହୋଇଯିବ ତେବେ ଏକର ପିଛା କ୍ଲୋରାନଟ୍ରାନିଲିପ୍ରୋଲ ୪% ଜି.ଆର୍ ୪ କି.ଗ୍ରା. ବାଲି ସହିତ ସମାନ ଭାବରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ଯଦି ଲେଡାପୋକ, ବିରହା ପୋକ କିମ୍ବା ନଳି ପୋକ ଦେଖାଯାଏ ତେବେ ଏକର ପିଛା କ୍ଲୋରପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି. କିମ୍ବା ଲାମ୍ବଡା ସାଇହାଲୋଥ୍ରିନ୍ ୫% ଇ.ସି. ୨୦୦ ମି.ଲି. କିମ୍ବା କ୍ୟୁନାଲଫସ୍ ୨୫% ଇ.ସି. ୮୦୦ ମି.ଲି. ପ୍ରୟୋଗ କରନ୍ତୁ ।
- ଯଦି ବଙ୍ଗି ପୋକ ଦେଖାଯାଏ ତେବେ ଏକର ପ୍ରତି ଥାୟୋମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି ୪୦ ଗ୍ରାମ୍ କିମ୍ବା ଫିପ୍ରୋନିଲ୍ ୫ % ଏସ୍.ସି. ୪୦୦ ମି.ଲି. କିମ୍ବା କ୍ଲୋରପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି. ପ୍ରୟୋଗ କରନ୍ତୁ ।
- ମାଟିଆ ଗୁଣ୍ଡିପୋକ (ଚକଡା ପୋକ) ବୁଦାପ୍ରତି ୫-୧୦ଟି ପୋକ ଦେଖାଦେଲେ ଜମିର ସୁକ୍ଷ୍ମ ପରିବେଶକୁ ପରିବର୍ତନ କରନ୍ତୁ ଯେପରିକି କ୍ରମାଗତ ଭାବେ ଓଦା ଓ ଶୁଖିଲା ରହିବ । ଜମିରେ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ପାଣି ନରହିବା ଦରକାର । ଏହାପରେ ଯଦି ପୋକ ଦେଖାଯାଏ ତେବେ ଏକର ପିଛା ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି ୧୨୦ ଗ୍ରାମ୍ କିମ୍ବା ଡ଼ିନୋଟେଫ୍ୟୁରନ୍ ୨୦% ଏସ୍.ଜି. ୮୦ ଗ୍ରାମ୍ କିମ୍ବା ଇମିଡ଼ାକ୍ଲୋପ୍ରିଡ ୧୭.୮% ଏସ୍.ଏଲ୍. ୫୦ ମି.ଲି. କିମ୍ବା ଏସିଫେଟ୍ ୭୫% ଏସ୍.ପି. ୪୦୦ ଗ୍ରାମ୍ ପ୍ରୟୋଗ କରନ୍ତୁ । ସଦା ସର୍ବଦା ଉପଯୁକ୍ତ କୀଟନାଶକ ସଠିକ୍ ମାତ୍ରାରେ ବ୍ୟବହାର କରନ୍ତୁ ।
- ସଅଳ ରୁଆ ହୋଇଥିବା ଧାନ ଗଛରେ ପତ୍ରଚ୍ଛଦ ପୋଡ଼ା ରୋଗ ଦେଖାଦେଲେ ୧ ଲିଟର ପାଣିରେ ୧ ମି.ଲି. ଆମିଷ୍ଟାର କିମ୍ବା ସିଥ୍‌ମାର-୩ (ଭାଲିଡାମାଇସିନ୍ ୩ ଏଲ୍) ୨ ମି.ଲି. ୧ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ଧାନ ଗଛରେ ପତ୍ରପୋଡା/ପତ୍ରାଗାର ରୋଗ ଦେଖାଦେଲେ ୧ ଲିଟର ପାଣିରେ କପର୍ ଅକ୍ସିକ୍ଲୋରାଇଡ୍ ୧.୫ -୨.୦ ଗ୍ରାମ୍ ମିଶାଇ ସିଂଚନ କରନ୍ତୁ । ୧ ଏକର ଜମି ପାଇଁ ୨୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ ।
- ମହିଷା ରୋଗ ଦେଖାଯାଉଥିବା ଜମିରେ କାର୍ବାଣ୍ଡାଜିମ୍ ୫୦ ଡବ୍ଲୁ.ପି ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କିମ୍ବା ଟ୍ରାଇସାଇକ୍ଲାଜୋଲ୍ ୭୫ ଡବ୍ଲୁ.ପି ୦.୬ ଗ୍ରାମ୍ ହିସାବରେ ମିଶାଇ ସିଂଚନ କରନ୍ତୁ ।

- ଚାଷୀଭାଇମାନେ ଧାନ ଚାଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବାକୁ ଚାହୁଁଥିଲେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ଦ୍ୱାରା ବିକଶିତ ରାଇସ୍ ଏକ୍ସପର୍ଟ ମୋବାଇଲ୍ ଆପ୍ (riceXpert) ବ୍ୟବହାର କରନ୍ତୁ ।

.............